# ଅନନ୍ତ ଅନ୍ତରୀକ୍ଷ ଭାଗ - ୭

## କାଲେଣ୍ଡରର କଥା

ପ୍ରସ୍ତୁତି: ସୃଜନିକା, ଭୁବନେଶ୍ୱର

ଆକାଶ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନନ୍ତ ଅନ୍ତରୀକ୍ଷରେ ଆପଣମାନଙ୍କୁ ସ୍ୱାଗତ । ଗତଥର ଆମେ ଶୁଣିଥିଲେ ଆମ ବେଦ ପୁରାଣରେ ଆକାଶ ବିଷୟରେ କ'ଣ ଲେଖା ହୋଇଛି ଏବଂ ସେଗୁଡ଼ିକ ଆମର ନିତିଦିନିଆ ଜୀବନକୁ କିପରି ପ୍ରଭାବିତ କରୁଛି । ସେତେବେଳେ ତାରା, ତାରାମଣ୍ଡଳ ଦେଖି ମଣିଷ ତା'ର ପର୍ବପର୍ବାଣୀ ସ୍ଥିର କରୁଥିଲା, ଚାଷକାମ ଆରମ୍ଭ କରୁଥିଲା । ଏସବୁର ମୂଳରେ ରହୁଥିଲା ତାରା, ସୂର୍ଯ୍ୟ, ଚନ୍ଦ୍ର ଓ ଗ୍ରହଙ୍କ ଗତି । ଏମାନଙ୍କୁ ନେଇ ସେ ସମୟ ବି ମାପୁଥିଲା । ଏହି କ୍ରମରେ ଆସନ୍ତୁ ଆଜି ଶୁଣିବା ଏସବୁକୁ ସଜେଇ ସେ କେମିତି କାଲେଣ୍ଡର ତିଆରି କଲା । ତେବେ ଆରମ୍ଭ କରିବା ଅନନ୍ତ ଅନ୍ତରୀକ୍ଷର ସପ୍ତମ ଭାଗ କାଲେଣ୍ଡରର କଥା ।

ବର୍ଣ୍ଣନା: ଜାନୁଆରି ମାସ ଆସିଗଲେ ସବୁଠି ଖୋଜାପଡ଼େ ନୂଆ କାଲେଣ୍ଡର । କିନ୍ତୁ ଘରେ ପୂଜା ପରବ ପାଇଁ ଦରକାର ଅଲଗା କାଲେଣ୍ଡର। ଏ କାଲେଣ୍ଡର ସେଥିପାଇଁ କାମ ଦିଏନାହିଁ । ଏଥିପାଇଁ ଦରକାର ହୁଏ ପାଞ୍ଜି ବା ପଞ୍ଚାଙ୍ଗ । ସେଥିରେ କିନ୍ତୁ ଜାନୁଆରିରୁ ନୂଆବର୍ଷ ଆରମ୍ଭ ହୁଏନାହିଁ । ପୃଥିବୀର ଅଲଗା ଅଲଗା ଅଞ୍ଚଳରେ କେତେ କିସମର ପାଞ୍ଜି ଚଳେ । ବର୍ଷର ମାପ ବି ଅଲଗା ହୁଏ । ତେବେ କାଲେଣ୍ଡର କ'ଣ ଓ ଏହା ତିଆରି ହୋଇଥାଏ କିପରି ? ଆଗରୁ ସବୁ କାଲେଣ୍ଡର ଚନ୍ଦ୍ରର ଗତିକୁ ଆଧାର କରି ହେଉଥିଲା । ସେତେବେଳେ କାଲେଣ୍ଡର ସବୁ ସ୍ଥାନୀୟ ଭାବରେ ତିଆରି ହେଉଥିଲା । ଚନ୍ଦ୍ରର ଗତିକୁ ଲକ୍ଷ୍ୟ କରି ବିଭିନ୍ନ ସହରରେ ଏହା ପ୍ରସ୍ତୁତ କରାଯାଉଥିଲା । ପ୍ରତିଟି ଚକ୍ରକୁ ଗୋଟିଏ ମାସ ଧରା ହେଉଥିଲା । କିନ୍ତୁ ପ୍ରତ୍ୟେକ ମାସରେ ଦିନ ସଂଖ୍ୟା ସମାନ ନ ଥିଲା । ପୃଥିବୀର ଦିନରାତି ଚକ୍ର ସହିତ ଚନ୍ଦ୍ରର ଗତି ମେଳ ଖାଉ ନ ଥିଲା ।

ପ୍ରାକୃତିକ ଚକ୍ର ସବୁକୁ ଲକ୍ଷ୍ୟ କରି ମଣିଷ କାଲେଣ୍ଡର ତିଆରି କରିବାକୁ ଆରମ୍ଭ କଲା । ଯେପରି ପୃଥିବୀର ନିଜ ଅକ୍ଷ ଚାରିପଟେ ଘୂରିବା ସମୟକୁ ସେ କହିଲା ଦିନ, ପୂର୍ଣ୍ଣିମାରୁ ପୂର୍ଣ୍ଣିମା ସମୟକୁ ସେ କହିଲା ଗୋଟିଏ ମାସ । ସେହିପରି ପୃଥିବୀର ସୂର୍ଯ୍ୟ ଚାରିପଟେ ଥରେ ଘୂରିବା ସମୟକୁ ବର୍ଷ କହିଲା । ଆମ ପାଇଁ ଦିନଟିର ଲମ୍ବା ଯଦିଓ ୨୪ ଘଣ୍ଟା କିନ୍ତୁ ପ୍ରକୃତରେ ପୃଥିବୀ ନିଜ ଅକ୍ଷ ଚାରିପଟେ ଥରେ ଘୂରିବାପାଇଁ ୨୩ ଘଣ୍ଟା ୫୬ ମିନିଟ ୪ ସେକେଣ୍ଡ ନେଇଥାଏ । ସେହିପରି ଚାନ୍ଦ୍ର ମାସ ମଧ୍ୟ ପୁରା ୩୦ ଦିନ ନୁହେଁ, ୨୯.୫୩ ଦିନ । ଗୋଟିଏ ବର୍ଷର ଲମ୍ବା ହେଉଛି ୩୬୫ ଦିନ ୫ ଘଣ୍ଟା ୪୮ ମିନିଟ ୪୬ ସେକେଣ୍ଡ ।

ପ୍ରଶ୍ନ: ସୂର୍ଯ୍ୟ, ଚନ୍ଦ୍ରଙ୍କୁ ନେଇ କେମିତି ମାସ, ବର୍ଷ ତିଆରି କରାଗଲା ?

ଉତ୍ତର: ବସନ୍ତ ସମ୍ପାତରୁ ଆରମ୍ଭ କରି ସୂର୍ଯ୍ୟ କ୍ରାନ୍ତିପଥରେ ଗୋଟିଏ ଘେରା ବା ୩୬୦ ଡିଗ୍ରୀ ବୁଲି ଆସିଲେ ଆମର ଗୋଟିଏ ବର୍ଷ ହୁଏ । ସେଥିରେ ୧୨ଟି ରାଶିକୁ ନେଇ ୧୨ଟି ମାସ ରହେ । କ୍ରାନ୍ତିପଥ ଉପରେ ବାର ମାସର ସୀମା ମାପିବା ପାଇଁ ସୂର୍ଯ୍ୟକୁ କେନ୍ଦ୍ରବିନ୍ଦୁ ଧରି ୩୦ ଡିଗ୍ରୀ ହିସାବରେ ୧୨ଟି କୋଣ କଟାଯାଇ ପାରିବ ।

ପ୍ରଶ୍ନ: ବସନ୍ତ ସମ୍ପାତ କ'ଣ ?

ଉତ୍ତର: ସୂର୍ଯ୍ୟର ଉଦୟ ଅସ୍ତକୁ ଲକ୍ଷ୍ୟ କଲେ ବର୍ଷକ ଭିତରେ ଚାରୋଟି ବିଶେଷ ଦିନ ଜାଣିହୁଏ । ବର୍ଷର ଦୁଇଟି ନିର୍ଦ୍ଦିଷ୍ଟ ଦିନରେ ସୂର୍ଯ୍ୟ ଠିକ୍ ପୂର୍ବ ଦିଗରେ ଉଦୟ ହୁଏ ଓ ପଶ୍ଚିମ ଦିଗରେ ଅସ୍ତ ହୁଏ । ସେ ସମୟରେ ଦିନ ଓ ରାତି ପ୍ରାୟ ସମାନ ହୁଏ । ଗୋଟିଏ ଦିନରେ ଏହା ପୁରା ଉତ୍ତର-ପୂର୍ବ ଦିଗରେ ଉଦୟ ହୁଏ । ସେଦିନ ଦିନ ୧୨ଟା ବେଳେ ସୂର୍ଯ୍ୟ ଦକ୍ଷିଣ ଦିଗବଳୟଠାରୁ ସବୁଠାରୁ ଅଧିକ ଉଚ୍ଚରେ ରହେ । ବର୍ଷର ଆଉ ଗୋଟିଏ ଦିନ ସୂର୍ଯ୍ୟ ପୂର୍ବ ଦିଗବଳୟରେ ସବୁଠାରୁ ଅଧିକ ଦକ୍ଷିଣ ଆଡ଼କୁ ରହେ । ସେଦିନ ଏହା ଦକ୍ଷିଣ ଆକାଶରେ ବେଶ୍ ତଳକୁ ଢଳି ରହି ପଶ୍ଚିମକୁ ଯାଏ । ସୂର୍ଯ୍ୟର ଏହି ଉତ୍ତର-ଦକ୍ଷିଣ ହେବାକୁ ନେଇ ପୃଥିବୀର ଋତୁଚକ୍ର ଓ ମଣିଷର କାଲେଣ୍ଡର ତିଆରି ହୋଇଛି ।

ପ୍ରଶ୍ନ: କେମିତି ?

ଉତ୍ତର: ସେପ୍ଟେମ୍ବର ୨୩ ତାରିଖ ଦିନ ସୂର୍ଯ୍ୟ ବିଷୁବ ରେଖା ସିଧାରେ ରହେ । ତା' ପରଠାରୁ ତାହା ଧୀରେ ଧୀରେ ଦକ୍ଷିଣ ଆଡ଼କୁ ଢଳିବାକୁ ଲାଗେ । ଏହାକୁ ଦକ୍ଷିଣାୟନ କୁହାଯାଏ । ଆମେ ଉତ୍ତର ଗୋଲାର୍ଦ୍ଧରେ ବିଷୁବ ରେଖାର ୨୦ ଡିଗ୍ରୀ ଉତ୍ତରକୁ ରହିଛେ । ତେଣୁ ସେପ୍ଟେମ୍ବର ପରେ ଧୀରେ ଧୀରେ ସୂର୍ଯ୍ୟଙ୍କ କିରଣ ବେଶୀ ତେର୍ଚ୍ଛା ହୋଇ ପଡ଼େ । ସକାଳେ ଓ ସନ୍ଧ୍ୟାରେ ସୂର୍ଯ୍ୟଙ୍କ ଖରା ତେର୍ଚ୍ଛା ପଡ଼େ । ସେଥିପାଇଁ ଅଧିକ ଥଣ୍ଡା ଥାଏ । ସେହିଭଳି ସେପ୍ଟେମ୍ବର ପରଠାରୁ ଖରାର ତେଜ କମିଚାଲେ । ଡିସେମ୍ବର ଶେଷ ବେଳକୁ ସୂର୍ଯ୍ୟ ଆକାଶରେ ବେଶ୍ ଦକ୍ଷିଣ ଦିଗକୁ ରହେ । ସେତେବେଳେ ସବୁଠାରୁ ଅଧିକ ଥଣ୍ଡା ହୁଏ ।

ଏହାପରେ ଆକାଶରେ ସୂର୍ଯ୍ୟ ଉତ୍ତର ଆଡ଼କୁ ଉଠିବାକୁ ଲାଗେ । ଏହାକୁ ଉତ୍ତରାୟଣ ଗତି କୁହାଯାଏ । ମାର୍ଚ୍ଚ ୨୧ ତାରିଖ ଦିନ ସୂର୍ଯ୍ୟ ପୁଣି ଥରେ ବିଷୁବ ରେଖା ସିଧାରେ ରହେ । ତା'ପରେ ଆହୁରି ଉତ୍ତରକୁ ଉଠି ଜୁନ ୨୧ ତାରିଖ ଦିନ ସବୁଠାରୁ ଉତ୍ତରରେ ରହେ । ଏହାପରେ ସେ ପୁଣି ଥରେ ଦକ୍ଷିଣକୁ ଢଳେ । ସେଥିପାଇଁ ସୂର୍ଯ୍ୟ ବର୍ଷର ମାତ୍ର ଦୁଇଦିନ ଠିକ୍ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ହୁଏ । ବାକି ଦିନରେ ସୂର୍ଯ୍ୟ ଉଦୟର ଦିଗ କିଛି ଉତ୍ତରକୁ ବା ଦକ୍ଷିଣକୁ ଘୁଞ୍ଚିଲା ଭଳି ମନେହୁଏ ।

ପ୍ରଶ୍ନ: ଏ ଚାରିଟି ଦିନ ପାଇଁ କିଛି ସ୍ୱତନ୍ତ୍ର ନାଁ ରହିଛି କି ?

ଉତ୍ତର: ସୂର୍ଯ୍ୟର ଉତ୍ତରାୟଣ ବା ଉତ୍ତର ଆଡ଼କୁ ଢଳିବାର ସୀମାକୁ ଉତ୍ତର ଅୟନାନ୍ତ ବା ଇଂରାଜୀରେ ସମର୍ ସଲ୍‌ଷ୍ଟିସ୍ କୁହାଯାଏ । ସେତେବେଳେ ସୂର୍ଯ୍ୟ କର୍କଟ ରାଶିର ତାରାମାନଙ୍କ ସିଧାରେ ରହେ । ତେଣୁ ଏହାକୁ କର୍କଟ ସଂକ୍ରାନ୍ତି କୁହାଯାଏ । ପୃଥିବୀ ଓ ଆକାଶ ଉପରେ ଏହି କାଳ୍ପନିକ ରେଖାର ନାଁ ରହିଛି କର୍କଟ କ୍ରାନ୍ତି । ସେହିପରି ସୂର୍ଯ୍ୟର ଦକ୍ଷିଣ ଯାତ୍ରା ବା ଦକ୍ଷିଣାୟନର ସୀମାକୁ ଦକ୍ଷିଣ ଅୟନାନ୍ତ ବା ୱିଣ୍ଟର୍ ସଲ୍‌ଷ୍ଟିସ୍ କୁହାଯାଏ । ସେ ସମୟରେ ସୂର୍ଯ୍ୟ ମକର ରାଶିରେ ରହୁଥିବାରୁ ସେ ଦିନକୁ ମକର ସଂକ୍ରାନ୍ତି କୁହାଯାଏ । ପୃଥିବୀ ଓ ଆକାଶରେ ସେ ସୀମାରେଖାର ନାଁ ରହିଛି ମକର କ୍ରାନ୍ତି ।

ପ୍ରଶ୍ନ: ସମ୍ପାତ କ'ଣ ?

ଉତ୍ତର: ଆମେ ଜାଣିଛେ ଯେ ପୃଥିବୀର ଅକ୍ଷ ୨୩ ଡିଗ୍ରୀ ଅଧେ ଢଳିକରି ରହିଛି । ତେଣୁ ସୂର୍ଯ୍ୟର ଉତ୍ତର-ଦକ୍ଷିଣ ଦଉଡ଼ ଏହି ସୀମା ଭିତରେ ହୁଏ । ଖରାଦିନେ ସୂର୍ଯ୍ୟ ଖଗୋଳ ବିଷୁବର ୨୩ ଡିଗ୍ରୀ ଅଧେ ଉତ୍ତରକୁ ଯାଏ । ଶୀତଦିନେ ତା'ର ଦକ୍ଷିଣକୁ ୨୩ ଡିଗ୍ରୀ ଅଧେ ଯାଏଁ ଯାଏ । ଉତ୍ତର ଦକ୍ଷିଣ ହେଲାବେଳେ ସେ ଦୁଇଥର ବିଷୁବ ରେଖାକୁ ଟପୁଛି । ଏହି ଦୁଇଟି ଦିନକୁ ସମ୍ପାତ ବା କ୍ରାନ୍ତିପାତ  ଇଂରାଜୀରେ ଇକ୍ୱିନକ୍ସ କୁହାଯାଏ । ମାର୍ଚ୍ଚ ୨୧କୁ ବସନ୍ତ ସମ୍ପାତ ବା ଭର୍ଣ୍ଣାଲ୍ ଇକ୍ୱିନକ୍ସ ଏବଂ ସେପ୍‌ଟେମ୍ବର ୨୩କୁ ଶରତ ସମ୍ପାତ ବା ଅଟମ୍‌ନାଲ୍ ଇକ୍ୱିନକ୍ସ କୁହାଯାଏ । ସୂର୍ଯ୍ୟ ଯେବେ ଖଗୋଳ ବିଷୁବ ଓ କ୍ରାନ୍ତିପଥର ବସନ୍ତ ଛେଦବିନ୍ଦୁ ବା ବସନ୍ତ ସମ୍ପାତ ଟପି ଉତ୍ତରକୁ ବା କର୍କଟ କ୍ରାନ୍ତି ଆଡ଼କୁ ମୁହାଁଏ, ସେ ଦିନକୁ ସୂର୍ଯ୍ୟର ଗତିର ଆରମ୍ଭ ବୋଲି ଧରାଯାଏ । ଭାରତରେ ଏହାକୁ ବର୍ଷର ଆରମ୍ଭ ବୋଲି ଧରାଯାଏ ।

ପ୍ରଶ୍ନ: ଏହି ଅନୁସାରେ ତ ମକର ସଂକ୍ରାନ୍ତି ଡିସେମ୍ବର ମାସରେ ପଡ଼ିବା କଥା । ମକର ସଂକ୍ରାନ୍ତି ତ କିନ୍ତୁ ଜାନୁଆରି ମାସରେ ପଡୁଛି । କେମିତି ?

ଉତ୍ତର: ପ୍ରାୟ ୧୫୦୦ ବର୍ଷ ତଳେ ଭାରତୀୟ ବିଜ୍ଞାନୀମାନେ ଖଗୋଳ ମଣ୍ଡଳରେ ଏହି କାଳ୍ପନିକ ବସନ୍ତ ସମ୍ପାତର ସ୍ଥାନ ସଂଶୋଧନ କରିଥିଲେ । ତାହା ଥିଲା ମେଷ ରାଶିର ଆରମ୍ଭରେ । ଅର୍ଥାତ ବସନ୍ତ ସମ୍ପାତ ଦିନ ସୂର୍ଯ୍ୟ ମେଷ ରାଶିର ସିଧାରେ ରହୁଥିଲା । ସେ ଦିନକୁ ମେଷ ବା ବିଷୁବ ସଂକ୍ରାନ୍ତି କୁହା ଯାଉଥିଲା । ଆମର ସୌରବର୍ଷର ଆରମ୍ଭ ସେହିଦିନରୁ ହେଉଥିଲା । ଏବେ କିନ୍ତୁ ବସନ୍ତ ସମ୍ପାତ ଆଉ ମେଷ ରାଶିରେ ପଡୁନାହିଁ ।

ପ୍ରଶ୍ନ: କାହିଁକି ?

ଉତ୍ତର: ଏହାର କାରଣ ହେଉଛି ପୃଥିବୀର ଅକ୍ଷର ଅୟନ ଚଳନ ।

ପ୍ରଶ୍ନ: ଅୟନ ଚଳନ କ'ଣ ?

ଉତ୍ତର: ଗୋଟିଏ ନଟୁ ଘୂରାଇଲେ ତା'ର ମୁଣ୍ଡଟି ଏପଟ ସେପଟ ହୋଇ ଘୂରୁଥିବା କଥା ଆମେ ପ୍ରାୟ ସମସ୍ତେ ଦେଖିଥିବା । ସେହିଭଳି ଘୂରନ୍ତା ପୃଥିବୀର ଅକ୍ଷ ବି ଆକାଶରେ ଧୀରେ ଧୀରେ ଘୂରିବୁଲେ । ଏହି ଘୂରିବାକୁ ଅୟନ ଚଳନ ବା ଇଂରାଜୀରେ ପ୍ରିସିସନ୍ କୁହାଯାଏ । ଏହା ଫଳରେ ପୃଥିବୀର ଅକ୍ଷ ଅଭିଲମ୍ବରୁ ୨୩.୫ ଡିଗ୍ରୀ ତଫାତରେ ଥିବା ଗୋଟିଏ ବଡ଼ ବୃତ୍ତରେ ବୁଲିଥାଏ । ଏହି ବୃତ୍ତ ଉପରେ ରହିଥିବା ତାରାଗୁଡ଼ିକ ଅଲଗା ଅଲଗା ସମୟରେ ଅକ୍ଷର ଉପରେ ରହିଥା'ନ୍ତି । ସେମାନେ ପାଳି କରି ଆମର ଧ୍ରୁବ ତାରା ହୁଅନ୍ତି । ଏବେ ଶିଶୁମାର ମଣ୍ଡଳର ପ୍ରଥମ ତାରା କ-ଶିଶୁମାର ଏହି ଜାଗାରେ ଥିବାରୁ ଆମେ ତାକୁ ଧ୍ରୁବ ତାରା କହୁଛେ । ୪୭୦୦ ବର୍ଷ ତଳେ ତକ୍ଷକ ମଣ୍ଡଳର ତାରା ଯମ ବା ଥୁବାନ୍ ସେ ଜାଗାରେ ଥିଲା । ଆଜିକୁ ୧୨୦୦୦ବର୍ଷ ପରେ ଖ୍ରୀଷ୍ଟାବ୍ଦ ୧୪୦୦୦ ବେଳକୁ ବୀଣା ମଣ୍ଡଳର ଅତି ଉଜଳ ତାରା ଅଭିଜିତ୍ ଆମର ଧ୍ରୁବ ତାରା ହେବ । ଏହି ବୃତ୍ତରେ ଥରେ ବୁଲି ଆସିବା ପାଇଁ ପୃଥିବୀର ଅକ୍ଷକୁ ୨୬୦୦୦ ବର୍ଷ ଲାଗେ । ତେଣୁ ୨୬୦୦୦ ବର୍ଷ ପରେ ଏବେକା ଧ୍ରୁବ ତାରା ପୁଣି ଥରେ ଧ୍ରୁବ ତାରା ହେବ ।

ଜାଣିଛ କି ?

ତାରା ଯମ ଧ୍ରୁବ ତାରା ହୋଇଥିବା କଥା ଉପନିଷଦରେ ବି ଲେଖାହୋଇଛି । ଏଥିରୁ ତା'ର ରଚନାକାଳ ବିଷୟରେ କିଛି ଧାରଣା ମିଳେ । ମିଶର ଦେଶରେ ଥିବା ଗିଓପ୍‌ସ୍ଥାରେ ଥିବା ବିରାଟ ପିରାମିଡ ବି ଏଇ ସମୟରେ ପ୍ରାୟ ଖ୍ରୀଷ୍ଟପୂର୍ବ ୨୭୦୦ ବେଳକୁ ତିଆରି ହୋଇଥିଲା । ସେହି ପିରାମିଡର କାଛରେ ଗୋଟିଏ ସରୁ କଣା ଏପରି ରଖା ହୋଇଥିଲା ଯେ ତାରା ଯମର ଆଲୁଅ ଆସି ଭିତରେ ପଡୁଥିଲା । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ସୂର୍ଯ୍ୟଙ୍କର ଆଲୁଅ ଆସି କୋଣାର୍କର ମନ୍ଦିର ଭିତରେ ପଡୁଥିବା କଥା ଆମେ ଶୁଣିଥିବା ।

ପ୍ରଶ୍ନ: ତାହେଲେ ଆମର ବର୍ଷ ପ୍ରକୃତରେ କେବେ ଆରମ୍ଭ ହୁଏ ?

ଉତ୍ତର: ଅୟନ ଚଳନ ଯୋଗୁ ଖଗୋଳ ମଣ୍ଡଳରେ ବିଷୁବ ବା ତାରାଙ୍କ ସ୍ଥାନ ବଦଳେନାହିଁ । କିନ୍ତୁ ସୂର୍ଯ୍ୟ ଅତି ଧୀରେ ଧୀରେ ତା'ର ବାଟ ବା କ୍ରାନ୍ତିପଥ ବଦଳାଇଲା ଭଳି ଜଣାପଡ଼େ । ଏହା ଫଳରେ ପ୍ରତି ବର୍ଷ ସମ୍ପାତ ବିନ୍ଦୁ ଦୁଇଟି ପ୍ରାୟ ୫୦ ସେକେଣ୍ଡ କୋଣ ପଶ୍ଚିମ ଆଡ଼କୁ ଘୁଞ୍ଚି ଯାଉଛି । ୧୫୦୦ ବର୍ଷର ଅୟନ ଚଳନ ଫଳରେ ଏବେ ଆମର ବସନ୍ତ ସମ୍ପାତ ମେଷ ରାଶିରେ ନରହି ମୀନ ରାଶିରେ ପହଞ୍ଚିଛି । ଏଠାରେ ସୂର୍ଯ୍ୟ ପ୍ରାୟ ୨୩ ଦିନ ଆଗୁଆ ପହଞ୍ଚୁଛି । ଏବେ ସେ ଦିନର ତିଥି ଅଲଗା । ଏହି ଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ରହେ ଓ ପୃଥିବୀରେ ଦିନ ରାତି ସମାନ ହୁଏ । ତେଣୁ ଏହି ଦିନଟି ହିଁ ସୌର ବର୍ଷର ଆରମ୍ଭ ଦିନ ।

ପାଞ୍ଜିରେ ବିଷୁବ ସଂକ୍ରାନ୍ତି କୁହାଯାଉଥିବା ଦିନଟି ଅର୍ଥାତ ଏପ୍ରିଲ ୧୪ ଦିନଟି ପ୍ରକୃତରେ କେବଳ ମେଷ ସଂକ୍ରାନ୍ତି । ସୂର୍ଯ୍ୟର ବିଷୁବ ରେଖା ଟପିବା ସାଙ୍ଗରେ ତା'ର ଏବେ କିଛି ବି ସମ୍ପର୍କ ନାହିଁ । କିନ୍ତୁ ପରମ୍ପରା ଦୃଷ୍ଟିରୁ ଏହି ଦିନଟିକୁ ଆମେ ଭାରତୀୟ ମାନେ ନୂଆ ବର୍ଷ ବୋଲି ଧରୁଛୁ । ଇଂରାଜୀ କାଲେଣ୍ଡରର ଆରମ୍ଭ ଦିନ ବା ଜାନୁଆରି ପହିଲାର ମଧ୍ୟ ସୂର୍ଯ୍ୟର ଗତି ସହିତ କିଛି ସମ୍ପର୍କ ନାହିଁ ।

ପ୍ରଶ୍ନ: ଆମ ଦେଶର ଅନ୍ୟ ଅଞ୍ଚଳରେ କେବେ ବର୍ଷ ଆରମ୍ଭ ହୁଏ ?

ଉତ୍ତର: ଆମ ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଦିନକୁ ବର୍ଷର ଆରମ୍ଭ ବୋଲି ଧରାଯାଏ । ଓଡ଼ିଶାର ସୁନିଆ, ଆସାମର ବିହୁ, ଆନ୍ଧ୍ରର ପୋଙ୍ଗଲ ବା କେରଳର ଓଣମ ଏଇଥିରୁ କିଛି ଉଦାହରଣ । ବିଷୁବ ସଂକ୍ରାନ୍ତି ବା ଜାନୁଆରି ପହିଲା ଭଳି ଏସବୁ ଦିନର ଗୁରୁତ୍ୱ ବି ସାମାଜିକ ଓ ସାଂସ୍କୃତିକ । ଆକାଶ ବିଜ୍ଞାନ ଦୃଷ୍ଟିରୁ ଏସବୁର ବିଶେଷତ୍ୱ କିଛି ବି ନାହିଁ ।

ପ୍ରଶ୍ନ: ବର୍ଷର ୧୨ ମାସରେ କ'ଣ ଦିନ ସଂଖ୍ୟା ସମାନ ଥାଏ ?

ଉତ୍ତର: ଆଗରୁ ଆମେ କଥା ହୋଇଛେ ଯେ ବସନ୍ତ ସମ୍ପାତରୁ ଆରମ୍ଭ କରି ସୂର୍ଯ୍ୟ କ୍ରାନ୍ତିପଥରେ ଘେରାଏ ବା ୩୬୦ ଡିଗ୍ରୀ ବୁଲି ଆସିଲେ ଆମର ଗୋଟିଏ ବର୍ଷ ହୁଏ । ସେଥିରେ ୧୨ଟି ରାଶିକୁ ନେଇ ୧୨ ମାସ ରହେ । କ୍ରାନ୍ତିପଥ ଉପରେ ବାର ମାସର ସୀମା ମାପିବା ପାଇଁ ସୂର୍ଯ୍ୟକୁ କେନ୍ଦ୍ର ବିନ୍ଦୁ ଧରି ୩୦ ଡିଗ୍ରୀ ହିସାବରେ ୧୨ଟି କୋଣ କଟାଯାଇ ପାରିବ । କିନ୍ତୁ ଆମେ ଜାଣିଛେ ଯେ ସୂର୍ଯ୍ୟ ପୃଥିବୀର କକ୍ଷପଥର ମଝିରେ ନାହିଁ ବା ଅନ୍ୟ ଅର୍ଥରେ କହିଲେ ପୃଥିବୀର କକ୍ଷପଥ ପୂରା ଗୋଲ ନୁହେଁ ।

ପ୍ରଶ୍ନ: ଏଥିରେ କ'ଣ ଅସୁବିଧା ହୁଏ ?

ଉତ୍ତର: ଏଥିପାଇଁ କକ୍ଷପଥର ସବୁ ଅଞ୍ଚଳରେ ପୃଥିବୀର ଗତିର ବେଗ ସମାନ ରହେନାହିଁ । ଫଳରେ ରାଶିଚକ୍ର ଭିତରେ ସୂର୍ଯ୍ୟର ଗତି ବଦଳୁଥିବା

ଭଳି ମନେହୁଏ ।

ପ୍ରଶ୍ନ: ୩୦ ଡିଗ୍ରୀ ଟପିବା ପାଇଁ ସୂର୍ଯ୍ୟକୁ କେତେ ସମୟ ଲାଗେ ?

ଉତ୍ତର: ସୂର୍ଯ୍ୟ କେତେବେଳେ ୩୦ ଡିଗ୍ରୀ କୋଣ ବା ଗୋଟିଏ ରାଶି ଟପିବାକୁ ୨୮ ଦିନ ନେଉଛି ତ ଆଉ କେବେ ୩୨ ଦିନ ନେଉଛି । ସେଥିପାଇଁ ବର୍ଷର ଚାରିଋତୁର ଲମ୍ବା ସମାନ ହୁଏନାହିଁ ।

ପ୍ରଶ୍ନ: କେଉଁ ଋତୁରେ କେତେ ଦିନ ରହିଥାଏ ?

ଉତ୍ତର: ସମ୍ପାତ ଓ ଅୟନାନ୍ତ ଭିତରେ ରହୁଥିବା ଦିନଗୁଡ଼ିକ ଗୋଟିଏ ଲେଖାଏଁ ଋତୁ । ବସନ୍ତ ସମ୍ପାତରୁ ଉତ୍ତର ଅୟନାନ୍ତ ମାର୍ଚ୍ଚ ୨୧ରୁ ଜୁନ ୨୧ । ଏହା ହେଉଛି ବସନ୍ତ ଋତୁ ଓ ଏଥିରେ ଥାଏ ୯୨ ଦିନ । ଉତ୍ତର ଅୟନାନ୍ତରୁ ଶରତ ସମ୍ପାତ ହେଉଛି ଜୁନ ୨୨ରୁ ସେପ୍‌ଟେମ୍ବର ୨୩ ତାରିଖ । ଏହା ହେଉଛି ଗ୍ରୀଷ୍ମ ଋତୁ ଓ ଏଥିରେ ରହିଥାଏ ୯୪ ଦିନ । ଶରତ ସମ୍ପାତରୁ ଦକ୍ଷିଣ ଅୟନାନ୍ତ ହେଉଛି ଶରତ ଋତୁ ଓ ଏହାର ସମୟ ହେଉଛି ସେପ୍‌ଟେମ୍ବର ୨୪ରୁ ଡିସେମ୍ବର ୨୨ । ଏଥିରେ ଥାଏ ୯୦ ଦିନ । ଶେଷରେ ଦକ୍ଷିଣ ଅୟନାନ୍ତରୁ ବସନ୍ତ ସମ୍ପାତ ହେଉଛି ଡିସେମ୍ବର ୨୩ରୁ ମାର୍ଚ୍ଚ ୨୧ । ଏହା ହେଉଛି ଶୀତ ଋତୁ ଓ ଏଥିରେ ଥାଏ ୮୯ ଦିନ ।

ବସନ୍ତ ଓ ଗ୍ରୀଷ୍ମ ଋତୁ ମିଶି ଶରତ ଓ ଶୀତ ଋତୁ ଠାରୁ ୭ ଦିନ ଅଧିକ । ଏଭଳି ଅସମାନ ଋତୁ ଗୁଡ଼ିକର ହିସାବ ଠିକ୍ ରଖିବା ପାଇଁ କିଛି ମାସରେ ଅଧିକ ଦିନ ରଖାଯାଏ ଓ ଆଉ କିଛି ମାସରେ କମ୍ ଦିନ ରହେ । ବସନ୍ତ ଓ ଗ୍ରୀଷ୍ମ ମାସ ଗୁଡ଼ିକରେ ୩୧ ଦିନ ଥାଏ । ଶରତ ଓ ଶୀତରେ ୩୦ ଦିନ ରହେ । ତେଣୁ ଆକାଶରେ ସୂର୍ଯ୍ୟର ଗତି ସହିତ ପାଞ୍ଜିର ତିଥି ସଂକ୍ରାନ୍ତି ଆଦିର ଠିକ୍ ମେଳ ରହେ ।

ପ୍ରଶ୍ନ: ଜାତୀୟ କାଲେଣ୍ଡର କ'ଣ ?

ଉତ୍ତର: ଭାରତର ବିଭିନ୍ନ ଅଞ୍ଚଳରେ ଅନେକ କିସମର ପାଞ୍ଜି ଚଳି ଆସୁଛି । ଅନେକ ସମୟରେ ସେସବୁ ଭିତରେ ମେଳ ରହେନାହିଁ । ତେଣୁ ସବୁଆଡ଼େ ଗୋଟିଏ ଜାତୀୟ ପଞ୍ଚାଙ୍ଗ ବା ଜାତୀୟ କାଲେଣ୍ଡର ଚଳାଇବାର ଚିନ୍ତା କରାଗଲା । ଏଥିପାଇଁ ୧୯୫୨ ମସିହାରେ ଗୋଟିଏ ବୈଜ୍ଞାନିକ ଦଳ କାମ ଆରମ୍ଭ କଲେ । ତା'ର ଅଧ୍ୟକ୍ଷ ଥିଲେ ଅଧ୍ୟାପକ ମେଘନାଦ ଶାହା । ୧୯୫୭ ମସିହା ମାର୍ଚ୍ଚ ୨୨ ତାରିଖରୁ ଏହି ଜାତୀୟ କାଲେଣ୍ଡର ପ୍ରଚଳନ ଆରମ୍ଭ ହେଲା । ଏହି ଦିନଟି ୧ ଚୈତ୍ର, ୧୮୭୯ ଶକାବ୍ଦ ।

ପ୍ରଶ୍ନ: ନକ୍ଷତ୍ର ଅନୁସାରେ ଚାନ୍ଦ୍ର ମାସର ନାଁ ଓ ରାଶି ଅନୁସାରେ ସୌରମାସର ନାଁ ଦିଆଯାଏ । ସେହିପରି ଅନ୍ୟ କାଲେଣ୍ଡରର ନାଁସବୁ କେଉଁଠୁ ଆସିଲା ?

ଉତ୍ତର: ଚାନ୍ଦ୍ର ମାସ ଓ ସୌର ମାସ ବିଷୟରେ ତ ଆମେ ଆଗରୁ କଥା ହୋଇ ସାରିଛେ । ଏବେ ଦେଖିବା ଇଂରାଜୀ ବା ଗ୍ରେଗରୀୟ କାଲେଣ୍ଡରର ବିଭିନ୍ନ ମାସର ନାଁ । ଏସବୁ ମୁଖ୍ୟତଃ ରୋମ ସଭ୍ୟତା ସହ ଯୋଡ଼ା । ପୁରାତନ ରୋମର ଦେବତା ଜାନସ୍‌ଙ୍କ ନାଁ ଅନୁସାରେ ଜାନୁଆରି ମାସର ନାଁ ଆସିଛି । ଏ ଦେବତାଙ୍କର ଦୁଇଟି ମୁହଁ ଥିଲା । ଗୋଟିକରେ ସେ ପୁରୁଣା ବର୍ଷକୁ ଦେଖୁଥିଲେ ଓ ଆରଟିରେ ନୂଆ ବର୍ଷକୁ ଦେଖୁଥିଲେ । ପ୍ରାଚୀନରେ ରୋମର ପାପୀମାନେ ନିଜର ପାପ ମାନିବା ପରେ ଫେବୃଆ ପର୍ବରେ ସେମାନଙ୍କୁ କ୍ଷମା ମିଳୁଥିଲା । ସେଥିରୁ ଫେବୃଆରୀ ମାସର ନାଁ ଆସିଲା । ରୋମର ଯୁଦ୍ଧ ଦେବତା ମାର୍ସଙ୍କ ନାଁ ଅନୁସାରେ ମାର୍ଚ୍ଚ ମାସର ନାଁ ଦିଆଯାଇଛି । ଏପ୍ରିଲ ଆସିଛି ଗ୍ରୀସର ପ୍ରେମର ଦେବୀ ଏଫ୍ରୋଡାଇଟ୍‌ଙ୍କ ନାଁରୁ । ଆଉ କେହି କହନ୍ତି ଏପ୍ରିଲ ଶବ୍ଦ ଆସିଛି ଏପ୍ରାଇର୍‌ରୁ । ଏହାର ଅର୍ଥ ହେଉଛି ଖୋଲିବା । ଏ ମାସରେ ଚାଷବାସ କାମ ପାଇଁ ଖୋଲାଖୋଲି କରାଯାଏ ।

ପ୍ରଶ୍ନ: ଆଉ ମେ, ଜୁନ, ଜୁଲାଇ ଆଦି ନାଁ କେମିତି ଆସିଲା ?

ଉତ୍ତର: ଜୁପିଟରଙ୍କ ପତ୍ନୀ ମଇଆଙ୍କ ନାଁରୁ ମେ ମାସ ଆସିଛି । ସ୍ୱର୍ଗର ରାଣୀ ଜୁନୋଙ୍କ ନାଁ ଅନୁସାରେ ଜୁନ୍ ମାସର ନାଁ ରଖାଯାଇଛି । ରୋମର ଦୁଇ ସମ୍ରାଟ ଜୁଲିଅସ୍ ସିଜର୍ ଓ ଅଗଷ୍ଟସ୍ ସିଜର୍‌ଙ୍କ ନାଁ ଅନୁସାରେ ଜୁଲାଇ ଓ ଅଗଷ୍ଟ ନାଁ ଆସିଛି । ଶେଷ ଚାରିମାସ ସେପ୍‌ଟେମ୍ବର, ଅକ୍ଟୋବର, ନଭେମ୍ବର ଓ ଡିସେମ୍ବର ମୂଳ ରୋମାନ କାଲେଣ୍ଡରର ସପ୍ତମ, ଅଷ୍ଟମ, ନବମ ଓ ଦଶମ ମାସ ଥିଲା । ଏସବୁ ସଂଖ୍ୟାର ଲାଟିନ୍ ଶବ୍ଦରୁ ଏହି ମାସଗୁଡ଼ିକର ନାଁ ଆସିଛି ।

ପ୍ରଶ୍ନ: ମୁସଲମାନମାନଙ୍କ କାଲେଣ୍ଡରରେ ବି କ'ଣ ଏଇସବୁ ନାଁ ରହିଛି ?

ଉତ୍ତର: ମୁସଲମାନ ସମ୍ପ୍ରଦାୟରେ ଧାର୍ମିକ ହିସାବ ପାଇଁ ଯେଉଁ କାଲେଣ୍ଡର ବ୍ୟବହାର କରାଯାଏ ତା'ର ନାଁ ହେଉଛି ହିଜ୍‌ରା କାଲେଣ୍ଡର । ଉର୍ଦ୍ଦୁ ଶବ୍ଦ ହିଜ୍‌ରତ୍‌ରୁ ଏହି ନାଁ ଆସିଛି । ହିଜ୍‌ରତ୍‌ର ଅର୍ଥ ହେଉଛି ସ୍ଥାନାନ୍ତର ।

ପ୍ରଶ୍ନ: ହିଜ୍‌ରା କାଲେଣ୍ଡର କେବେଠୁ ଆରମ୍ଭ ହୋଇଛି ?

ଉତ୍ତର: ମହାପୁରୁଷ ମହମ୍ମଦ ଇସଲାମ ଧର୍ମ ପ୍ରଚାର ଆରମ୍ଭ କରିବାରୁ ମକ୍କାବାସୀମାନେ ତାଙ୍କୁ ବିଭିନ୍ନ ବାଟରେ ହଇରାଣ କଲେ । ତେଣୁ ତାଙ୍କର କେତେଜଣ ଅନୁଗାମୀଙ୍କୁ ଧରି ୬୨୨ ଖ୍ରୀଷ୍ଟାବ୍ଦ ପ୍ରାୟ ଜୁଲାଇ ବେଳକୁ ସେ ମଦିନା ଚାଲି ଯାଇଥିଲେ । ଏହାପରେ ମୁସଲମାନମାନେ ସଙ୍ଗଠିତ ହେଲେ ଏବଂ ଗୋଟିଏ ସ୍ୱତନ୍ତ୍ର ମାନ୍ୟତା ପାଇଥିଲେ । ମହମ୍ମଦଙ୍କ ହିଜ୍‌ରତ୍‌ରୁ ହିଜ୍‌ରା କାଲେଣ୍ଡରର ହିସାବ ଆରମ୍ଭ ହୋଇଥିଲା । ମହମ୍ମଦଙ୍କ ନିକଟତମ ଅନୁଗାମୀ ଉମର୍ ବିନ୍ ଅଲ୍ ଖତ୍ତାବ୍ ଏହାର ପ୍ରବର୍ତ୍ତକ ଥିଲେ । ବିଭିନ୍ନ ମତକୁ ନେଇ ପ୍ରାୟ ୬୩୮ ଖ୍ରୀଷ୍ଟାବ୍ଦରେ ଏହି କାଲେଣ୍ଡରର ହିସାବ ସ୍ଥିର କରାଗଲା ।

ପ୍ରଶ୍ନ: ହିଜ୍‌ରା କାଲେଣ୍ଡରରେ କେମିତି ଦିନ ହିସାବ ହୁଏ ?

ଉତ୍ତର: ହିଜ୍‌ରା କାଲେଣ୍ଡର ଚନ୍ଦ୍ରର ଉଦୟ ଅସ୍ତ ଉପରେ ଆଧାରିତ । ଏଥିରେ ଭାରତୀୟ ଚାନ୍ଦ୍ର ବର୍ଷ ଭଳି ୧୨ ମାସ ରହିଛି । ମାସର ଆରମ୍ଭ ବାଳଚନ୍ଦ୍ର ବା ଦାଆକୃତି ଚନ୍ଦ୍ର ଦେଖାରୁ ଆରମ୍ଭ ହୋଇଥାଏ । ଅମାବାସ୍ୟା ପର ଦିନର ଚନ୍ଦ୍ର ସୂର୍ଯ୍ୟାସ୍ତର ପରେ ପରେ ଦେଖାଦିଏ । ତେଣୁ ମାସର ଆରମ୍ଭ ସେହି ସନ୍ଧ୍ୟା ସମୟରୁ ହିଁ ହୁଏ । ହିଜ୍‌ରା କାଲେଣ୍ଡରରେ ୩୫୪ ବା ୩୫୫ ଦିନ ରହେ । ତେଣୁ ପ୍ରତି ବର୍ଷ ଏହାର ମାସଗୁଡ଼ିକ ସୌରବର୍ଷ ତୁଳନାରେ ପ୍ରାୟ ୧୧ ଦିନ ପଛୁଆ ହୋଇଚାଲେ ଏବଂ ଋତୁ ବା ଇଂରାଜୀ କାଲେଣ୍ଡର ସହ କୌଣସି ମେଳ ଖାଏନାହିଁ । ପ୍ରତି ୩୨ ବର୍ଷ ୬ ମାସରେ

ଏହି ଦୁଇ କାଲେଣ୍ଡର ମେଳ ଖାଏ । ହିଜ୍ରା କାଲେଣ୍ଡରରେ ମାସଗୁଡ଼ିକ ୨୯ ବା ୩୦ ଦିନିଆ ହୋଇଥାଏ । ଏଥିରେ ମଳମାସ ରହିବା ମନା ହୋଇଥିବାରୁ ଅନ୍ୟ କାଲେଣ୍ଡର ଭଳି ତାହା ମଝିରେ ମଝିରେ ନିଜକୁ ମିଳାଇ ନେଇପାରେ ନାହିଁ ।

ପ୍ରଶ୍ନ: ହିଜ୍ରା କାଲେଣ୍ଡରରେ ଥିବା ମାସଗୁଡ଼ିକ ନାଁ କ'ଣ ?

ଉତ୍ତର: ବର୍ଷର ପ୍ରଥମ ମାସର ନାଁ ହେଉଛି ମହରମ୍ । ମହମ୍ମଦଙ୍କ ନାତି ଇମାମ୍ ହୁସେନ୍ ସହିଦ ଦିବସ ଭାବରେ ମାସର ପ୍ରଥମ ଦଶଦିନ ଶୋକ ପାଳନ କରାଯାଏ । ଏହା ଏକ ପବିତ୍ର ମାସ ହୋଇଥିବାରୁ ସବୁ ପ୍ରକାର ହିଂସା ଏ ମାସରେ ମନା । ଦ୍ୱିତୀୟ ମାସ ସଫର୍, ତୃତୀୟ ମାସର ନାଁ ରାବିଉଲ୍ ଆୱଲ୍ । ଏହାର ୧୨ ତମ ଦିନରେ ମହମ୍ମଦଙ୍କର ଜନ୍ମ ଓ ମୃତ୍ୟୁ ଦିବସ ପଡ଼େ । ଚତୁର୍ଥ ମାସର ନାଁ ରାବିଉଲ୍ ଷାନି, ପଞ୍ଚମ ମାସ ଜମାଦିଉଲ୍ ଆୱାଲ୍, ଷଷ୍ଠ ମାସ ହେଉଛି ଜମାଦିଉଲ୍ ଷାନି । ସପ୍ତମ ମାସଟି ଗୋଟିଏ ପବିତ୍ର ମାସ ଓ ଏହାର ନାଁ ହେଉଛି ରାଜବ୍ । ଅଷ୍ଟମ ମାସର ନାଁ ସାବାନ୍, ନବମ ମାସର ନାଁ ରମଜାନ୍ ।

ପ୍ରଶ୍ନ: ରମଜାନ୍ ମାସରେ ଦିନରେ ଉପାସ କରନ୍ତି ନା ?

ଉତ୍ତର: ହଁ, ରମଜାନ ମାସ ସାରା ଦିନ ବେଳେ ଉପାସ କରିବାକୁ ପଡ଼େ । ଦଶମ ମାସର ନାଁ ସୱାଲ । ୧୧ତମ ମାସର ନାଁ ଜିଲ୍‌କଦ୍ ଏବଂ ଶେଷ ମାସ ବା ଦ୍ୱାଦଶ ମାସର ନାଁ ଜିଲ୍ ହଜ୍ । ଜିଲ୍‌କଦ୍ ଏବଂ ଜିଲ୍‌ହଜ୍ ଦୁଇଟି ପବିତ୍ର ମାସ ।

ପ୍ରଶ୍ନ: ମୁସଲମାନମାନେ କେଉଁ ମାସରେ ହଜ୍ କରିବା ପାଇଁ ମକ୍କା ଯାଇଥାନ୍ତି ?

ଉତ୍ତର: ଜିଲ୍ ହଜ୍ ହେଉଛି ଏହି ମାସ, ଏହା ଗୋଟିଏ ପବିତ୍ର ମାସ ହୋଇଥିବାରୁ ଯୁଦ୍ଧ ଓ ହିଂସା ଏହି ସମୟରେ ମନା । ବର୍ଷର ଏହି ଶେଷ ମାସ ହେଉଛି ହଜ୍ ବା ତୀର୍ଥ ମାସ । ଏଥିରେ ଦଶମ, ଏକାଦଶ ଓ ଦ୍ୱାଦଶ ତିନିଦିନ ମକ୍କାରେ ହଜ୍ ପାଳନ କରାଯାଏ । ସେଥିପାଇଁ ବର୍ଷର ଏହି ସମୟରେ ମୁସଲମାନମାନେ ମକ୍କା ଯାତ୍ରା କରିଥାନ୍ତି ।

ବର୍ଣ୍ଣନା: ହିଜ୍ରା ହେଉ ବା ଭାରତୀୟ କାଲେଣ୍ଡର ଏସବୁ ଆମ ନିତିଦିନିଆ ସାଂସ୍କୃତିକ ସାମାଜିକ ଜୀବନ ସହ ଯୋଡ଼ା । ଆଉ ଏସବୁର ସୃଷ୍ଟି ହୋଇଥିଲା ସେଇ ସୂର୍ଯ୍ୟ ଚନ୍ଦ୍ରଙ୍କ ଗତିରୁ । ତେଣୁ ଏଥିରୁ ଆମେ ଜାଣୁଛେ ଯେ ସୂର୍ଯ୍ୟ ଚନ୍ଦ୍ର ତାରା ଆମ ଜୀବନକୁ କେତେ ଭାବରେ ପ୍ରଭାବିତ କରନ୍ତି ।

ପ୍ରଶ୍ନ: ଏ ସପ୍ତାହରେ ଆମେ କେଉଁ ତାରାମଣ୍ଡଳ ଚିହ୍ନିବା ?

ଉତ୍ତର: ଏ ସପ୍ତାହରେ ଆମେ ଆଉ ଗୋଟିଏ ଉଜଳ ମଣ୍ଡଳ ବ୍ରହ୍ମ ମଣ୍ଡଳକୁ ଚିହ୍ନିବା । ଗତ ସପ୍ତାହରେ ଆମେ ବୃଷରାଶିକୁ ଚିହ୍ନିଥିଲେ । ତା'ର ଉତ୍ତରକୁ ରହିଛି ବ୍ରହ୍ମ ମଣ୍ଡଳ । ଏହାର ଉଜଳତମ ତାରା ବ୍ରହ୍ମହୃଦୟକୁ ସହଜରେ ଚିହ୍ନିହେବ । ଏହି ମଣ୍ଡଳର ଇଂରାଜୀ ନାଁ ହେଉଛି ଅରିଗା । ଏହାର ଅର୍ଥ ହେଉଛି ସାରଥି ।ପଞ୍ଚଭୁଜ ଆକାରର ଏହି ମଣ୍ଡଳର ସବୁଠାରୁ ଦକ୍ଷିଣକୁ ଥିବା ତାରା ନାଥ୍ ପ୍ରକୃତରେ ବୃଷରାଶିର ଅଂଶ । ଏଇଟି ହେଉଛି ବୃଷର ଶିଂଘର ଅଗ । ଏହାର ସବୁଠାରୁ ଉଜଳତମ ତାରା ବ୍ରହ୍ମହୃଦୟ ଗୋଟିଏ ହଳଦିଆ ତାରା ଏବଂ ଏହା ହେଉଛି ଆକାଶର ଷଷ୍ଠ ଉଜଳତମ ତାରା । ବ୍ରହ୍ମହୃଦୟ ପ୍ରକୃତରେ ଗୋଟିଏ ଯୁଗ୍ମ ତାରା ବା ବାଇନାରୀ ଷ୍ଟାର୍ । ଉଭୟ ତାରାର ତାପମାତ୍ରା ପ୍ରାୟ ସୂର୍ଯ୍ୟ ସହ ସମାନ, କିନ୍ତୁ ଆକାରରେ ସୂର୍ଯ୍ୟ ଠାରୁ ପ୍ରାୟ ୧୦ ଗୁଣ ବଡ଼ ଏବଂ ଉଜଳତାରେ ୭୦ ଗୁଣ ଅଧିକ ଉଜଳ । ଅନୁମାନ କରାଯାଏ ଯେ ବୋଧହୁଏ ତାରାଟି ଲାଲଦାନବ ଅବସ୍ଥା ଆଡ଼କୁ ଯାଉଛି । ତାରାଟି ଆମର ବେଶ୍ ପାଖରେ ରହିଛି, ଆମଠାରୁ ମାତ୍ର ୪୫ ଆଲୋକବର୍ଷ ଦୂରରେ ରହିଛି । ଏହାର ଦୀପ୍ତି ହେଉଛି ୦.୦୮ ।

ବ୍ରହ୍ମହୃଦୟର ଇଂରାଜୀ ନାଁ ହେଉଛି କାପେଲା । କାପେଲା ଅର୍ଥ ହେଉଛି ମାଈ ଛେଳି । ଏହାର ପୁରୁଣା ନାଁ ଥିଲା ଅମଲ୍‌ଥିଆ । ଜିଉସ୍ ଛୋଟ ଥିଲାବେଳେ ସେ ତାଙ୍କୁ କ୍ଷୀର ଖୁଆଇଛି । ବ୍ରହ୍ମହୃଦୟ ତାରା ତଳକୁ ତିନୋଟି ତାରା ଚ-ବ୍ରହ୍ମ, ଛ-ବ୍ରହ୍ମ ଓ ଜ-ବ୍ରହ୍ମ ଗୋଟିଏ ତ୍ରିଭୁଜ ଆକାରରେ ରହିଛନ୍ତି । ଏଗୁଡ଼ିକ ହେଲେ କାପେଲା ବା ମାଈଛେଳିର ଛୁଆ । ବ୍ରହ୍ମହୃଦୟ ତାରାଟି ସିନା ୪୫ ଆଲୋକବର୍ଷ ଦୂରରେ ରହିଛି । କିନ୍ତୁ ତା'ର ଛୁଆ ତିନୋଟି ପୃଥିବୀରୁ ୩୭୦, ୧୨୦୦ ଓ ୩୦୦୦ ଆଲୋକବର୍ଷ ଦୂରରେ ରହିଛନ୍ତି । ଏଇ ତିନୋଟି ତାରା ବହୁତ ମଜାଦାର । ବିଶେଷ କରି ଏହାର ଚ-ବ୍ରହ୍ମ ତାରାର ଆଲୁଅ ପ୍ରତି ୨୫ ବର୍ଷରେ ୭୦୦ ଦିନ ପାଇଁ ଫିକା ହୋଇଯାଏ ।

ପ୍ରଶ୍ନ: ଏମିତି ହେବାର କାରଣ କ'ଣ ?

ଉତ୍ତର: କେତେକ ବୈଜ୍ଞାନିକ ଭାବନ୍ତି ଯେ ବୋଧହୁଏ ଏହି ସମୟରେ ତାରାଟି କୌଣସି ଗୋଟିଏ ବଡ଼ ଅଦୃଶ୍ୟ ତାରାର ଛାଇରେ ରହିଯାଉଛି । ଏହି ତାରାଟି ଚ-ବ୍ରହ୍ମ ତାରାର ଚାରିପଟେ ଘୂରୁଛି, କିନ୍ତୁ ନିଜେ ଏତେ ଥଣ୍ଡା ଯେ ଯଥେଷ୍ଟ ଆଲୁଅ ସେଥିରୁ ବାହାରେ ନାହିଁ । ଯଦି ଏହା ଠିକ୍ ହୋଇଥାଏ, ଚ-ବ୍ରହ୍ମର ଏହି ସାଥି ତାରାଟି ଆଜିଯାଏଁ ଜଣାଥିବା ତାରାମାନଙ୍କ ଭିତରେ ସବୁଠାରୁ ବଡ଼ ତାରା ହେବ । ଆକାରରେ ଏହା ସୂର୍ଯ୍ୟଠାରୁ ପ୍ରାୟ ୩୦୦୦ ଗୁଣ ବଡ଼ ହେବ ଏବଂ ଶନିର କକ୍ଷପଥ ଭଳି ଏହାର ଆକାର ହେବ ।

ଆଉ ଗୋଟିଏ ମତ ହେଉଛି ଯେ ସାଥି ତାରାଟି ଗୋଟିଏ ସାଧାରଣ ତାରା । ଧୂଳିର ବାଦଲରେ ତାହା ପୂରା ଢାଙ୍କି ହୋଇ ରହିଛି । ବୋଧହୁଏ ଆଉ ଗୋଟିଏ ସୌରଜଗତ ସେଠି ସୃଷ୍ଟି ହେଉଛି । ଆହୁରି ପୁଣି କୁହାଯାଉଛି ଯେ ଚ-ବ୍ରହ୍ମର ରହସ୍ୟମୟ ଅଦୃଶ୍ୟ ସାଥିଟି ଗୋଟିଏ କୃଷ୍ଣଗର୍ତ୍ତ ହୋଇପାରେ । ଗୋଟିଏ ବିରାଟ ତାରା ମରିଯାଇଛି ଓ ତା'ର ଘନତା ଏତେ ଅଧିକ ହୋଇଯାଇଛି ଯେ ତା'ର ମାଧ୍ୟାକର୍ଷଣ କାଟି ଆଲୁଅ ବି ବାହାରକୁ ଆସୁନାହିଁ ।

କାରଣ ଯାହା ବି ହୋଇଥାଉ, ତାରାଟି ନିଶ୍ଚୟ ରହସ୍ୟମୟ । ମଣିଷ ନିଶ୍ଚେ ଦିନେ ଏହାର ରହସ୍ୟ ଭେଦ କରିବ । ସେତେବେଳେ ମଣିଷ ଜାଣିପାରିବ ଯେ ତାରାଟି ଅତି ବଡ଼ ନା କୃଷ୍ଣ ଗର୍ତ୍ତ ନା ଆଉ କିଛି ଏହାର କାରଣ । ତେବେ ଆକାଶରେ କେବଳ ଯେ ଏଇ ଗୋଟିକ ରହସ୍ୟମୟ ତାରା ରହିଛି ତା' ନୁହେଁ । ଆହୁରି ଅନେକ ରହସ୍ୟମୟ ତାରା ରହିଛନ୍ତି, ମଣିଷ ଦିନେ ନା ଦିନେ ସେମାନଙ୍କ ଉପରୁ ରହସ୍ୟର ପରଦା ହଟେଇବ ।

ଶୀତ ଆକାଶରେ ବହୁତ ମଜାଦାର ଆକୃତି ସବୁ ବି ରହିଛି । ଗତଥର ଆମେ ବୃଷରାଶି ବିଷୟରେ ଶୁଣିଲା ବେଳେ ଶୀତଦିନିଆ ତ୍ରିଭୁଜ ବିଷୟରେ ଶୁଣିଥିଲେ । ଏଥର ଶୁଣିବା ଶୀତଦିନିଆ ଛଅ'ର କଥା । ବୃଷରାଶିର ଉଜଳ ତାରା ରୋହିଣୀ, ବ୍ରହ୍ମ ମଣ୍ଡଳର ବ୍ରହ୍ମହୃଦୟ, ମିଥୁନ ରାଶିର ଦୁଇ ମୁଣ୍ଡ ତାରା ସୋମ ଓ ବିଷ୍ଣୁ, ସରମା ମଣ୍ଡଳର ଉଜଳ ତାରା ପ୍ରଶ୍ୱା, ମୃଗବ୍ୟାଧ ମଣ୍ଡଳର ଲୁବ୍ଧକ, କାଳପୁରୁଷ ମଣ୍ଡଳର ଆର୍ଦ୍ରା ତାରାକୁ ଯୋଡ଼ି ଦେଲେ

ଇଂରାଜୀ ସଂଖ୍ୟା 6 ଆକାର ହେବ । ଛକା କେବଳ କ୍ରିକେଟ ପଡ଼ିଆରେ ନାହିଁ । ଆକାଶରେ ବି ରହିଛି । ଏମିତି ଆହୁରି ଅନେକ ମଜାଦାର ଆକୃତି ରହିଛି । ଧୀରେ ଧୀରେ ଆମେ ସେସବୁକୁ ଜାଣିବା ।

ଆଜି ଆମେ ଜାଣିଲେ ସଂକ୍ରାନ୍ତି କ'ଣ, ସୌରମାସ କ'ଣ, ଚାନ୍ଦ୍ର ମାସ କ'ଣ । ଏଥର କୌଣସି ସଂକ୍ରାନ୍ତି ଆସିଲେ ସେଦିନ ସନ୍ଧ୍ୟାରେ ବା ପାହାନ୍ତାରେ ତାରା ଦେଖି ଜାଣିବାକୁ ଚେଷ୍ଟା କରିବା ଯେ ସୂର୍ଯ୍ୟ କେଉଁ ରାଶିମଣ୍ଡଳରେ ରହିଛି । ଏଥିପାଇଁ ନିୟମିତ ଅଭ୍ୟାସ ଓ ଗୋଟିଏ ଆଗ୍ରହୀ ମନ ଦରକାର । ଏଇ ଆଗ୍ରହ ସୃଷ୍ଟି କରିବା ପାଇଁ ଆମର ଏଇ କାର୍ଯ୍ୟକ୍ରମ । ଆଶାକରୁଛୁ ଆପଣଙ୍କୁ ଆମର ଏଇ କାର୍ଯ୍ୟକ୍ରମ ଭଲ ଲାଗୁଥିବ । ଆପଣଙ୍କ ମନରେ ବି ଆକାଶ ବିଷୟରେ କିଛି ପ୍ରଶ୍ନ ଉଠୁଥିବ । ସେସବୁ ଲେଖି ଆମ ପାଖକୁ ଲେଖି ପଠାଇଲେ ଆମେ ସେଗୁଡ଼ିକର ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆଲେଚନା କରିବାକୁ ଚେଷ୍ଟା କରିବୁ । ଚିଠି ପଠାଇବା ପାଇଁ ଆମ ଠିକଣା ହେଲା ——— । ଆପଣଙ୍କ ଚିଠି, ମତାମତ ଅପେକ୍ଷାରେ ରହିଲୁ । ଆସନ୍ତା ରବିବାର ପୁଣି ଥରେ ସାକ୍ଷାତ ହେବ । ସେତେବେଳ ଯାଏଁ ବିଦାୟ । ନମସ୍କାର ।